ପ୍ରମେୟ
THE PRAMEYA

19th June, 2019

# ଆଇଆଇଟିରେ ଜେଇଇ ଆଡ୍‌ଭାନ୍ସଡ୍ ସମ୍ପର୍କିତ କର୍ମଶାଳା

ଭୁବନେଶ୍ୱର,୧୮।୬(ବ୍ୟୁରୋ): ଆଇଆଇଟି ଭୁବନେଶ୍ୱରରେ ଜେଇଇ ଆଡଭାନ୍ସଡ୍ ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ତଥା ରାଜ୍ୟ ବାହାରର ୧୫୦ ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକ ଯୋଗଦେଇଥିଲେ।

କର୍ମଶାଳାରେ ଜେଇଇ ଆଡଭାନ୍ସଡ୍‌ରେ ରାଙ୍କ୍ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ମୁକ୍ତସ୍ୱର ସଭା ହୋଇଥିଲା। ତା'ସହିତ ଜେଇଇ ଆଡଭାନ୍ସଡ୍ ଆଶାୟୀମାନଙ୍କୁ ମଧ୍ୟ ଟ୍ରେନିଂ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ଆଇଆଇଟିର ବିଭିନ୍ନ ବିଭାଗ,

**ଓଡ଼ିଶା ସହ ରାଜ୍ୟ ବାହାରର ଛାତ୍ରଛାତ୍ରୀ ଯୋଗଦେବେ**

ଶିକ୍ଷାନୁଷ୍ଠାନର ସମସ୍ତ ସୁବିଧା ସୁଯୋଗ, ଫାକଲ୍ଟିମାନଙ୍କ ବିଷୟରେ ସୂଚନା ପାଇପାରିବେ। ଏହି କାଉନ୍ସିଲ ସକାଳ ୯ଟା ୩୦ରୁ ଆରମ୍ଭ ହୋଇଥିଲା। ପ୍ରଥମେ ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କୁ ଆଡମିଶନର ପ୍ରକ୍ରିୟା ଓ ଆଇଆଇଟିର ଶିକ୍ଷାଦାନ ପ୍ରଣାଳୀ ଉପରେ ସୂଚନା ଦିଆଯାଇଥିଲା। ଏହାବ୍ୟତୀତ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଜେନେରେସନ୍ ଆଇଆଇଟି, ଆଇଆଇଟି ଶିକ୍ଷା ବାବଦରେ ଛାତ୍ରଛାତ୍ରୀଙ୍କୁ ସମ୍ୟକ୍ ଜ୍ଞାନ ପ୍ରଦାନ କରାଯାଇଥିଲା। ଆଇଆଇଟି ଭୁବନେଶ୍ୱର ନିର୍ଦ୍ଦେଶକ ଆର୍‌ ଭି ରାଜକୁମାର ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ଏକାଡେମିକ୍ ଆଫେୟାର୍ସ ଡିନ୍ ପ୍ରଫେସର ପିକେ ସାହୁ, ଜେଇଇ ସେଲ୍ ଅଧ୍ୟକ୍ଷ ଡ. ସି କାମିଶେଟି, ଆଇଆଇଟି ଭୁବନେଶ୍ୱର ସମାଜ ମଙ୍ଗଳ ଡିନ୍ ଡ. ଭିଆର୍‌ପେଡି ରେଡ୍ଡି ପ୍ରମୁଖ ଉପସ୍ଥିତ ଥିଲେ।